

## ସିଆରପି ଛକରେ ଅଗ୍ନିକାଣ୍ଡ

# ଜଳିଲା ମହାବୀର ମାର୍କେଟ କମ୍ପ୍ଲେକ୍ସ






ଭୁବନେଶ୍ୱର, ୨୦।୩ (ସମିସ): ସିଆରପି ଛକରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ଗିଫ୍ଟ ଓ ଖେଳନା ଦୋକାନ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଆଉ ୪ ଦୋକାନ କ୍ଷତିଗ୍ରସ୍ତ ହୋଇଛି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଯାଇଛି । ଅଗ୍ନିଶମ ବାହିନୀର କର୍ମଚାରୀମାନେ ପ୍ରାୟ ୩ ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲା । ଗିଫ୍ଟ ଦୋକାନରୁ ସର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

### କମ୍ପ୍ଲେକ୍ସରେ ନ ଥିଲା ଅଗ୍ନି ନିରାପତ୍ତା ପ୍ରମାଣପତ୍ର

ସୂଚନାନୁସାରେ, ଜିତେନ୍ଦ୍ର କୁମାର ପାଟଶାଣୀଙ୍କ ସିଆରପି ଛକସ୍ଥିତ ମହାବୀର ମାର୍କେଟ୍ କମ୍ପ୍ଲେକ୍ସରେ ପ୍ରଥମ ମହଲାରେ ଗିଫ୍ଟ ଦୋକାନ କରିଛନ୍ତି । ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ହଠାତ୍ ତାଙ୍କ ଦୋକାନରୁ ନିଆଁ ବାହାରି ଥିଲା । କ୍ଷଣିକ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା । ଗିଫ୍ଟ ଦୋକାନରୁ ଆରମ୍ଭ ହୋଇଥିବା ନିଆଁ ଧିରେ ଧିରେ ନିକଟସ୍ଥ ଏଟିଏମ୍ କାଉଣ୍ଟର, ବହି ଓ ଲୁଗା ଦୋକାନକୁ ବ୍ୟାପୀ ଯାଇଥିଲା । ଅଗ୍ନିକାଣ୍ଡରେ ବହି, ଔଷଧ ଦୋକାନ, ଲୁଗା ଓ ଏଟିଏମ୍ କାଉଣ୍ଟରକୁ ମିଶାଇ ମୋଟ ୪ଟି ଦୋକାନ କ୍ଷତିଗ୍ରସ୍ତ ହୋଇଥିଲା । ଖବରପାଇ ସଚିବାଳୟ, ତମାଣ୍ଡୋ, କଳ୍ପନା ଫାୟାର ଷ୍ଟେସନ ଓ ଷ୍ଟ୍ରାଇକିଂ ଫୋର୍ସ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ୬ଟି ଦମକଳ ଗାଡ଼ି ଓ କର୍ମଚାରୀମାନେ ପ୍ରାୟ ୩ ଘଣ୍ଟାର ଅପରେସନ ପରେ ଯାଇ ନିଆଁ ଆୟତ୍ତ ହୋଇଥିଲା । ଏହାରି ଭିତରେ ଗିଫ୍ଟ ସହ ଖେଳନା ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା । ଏହାସହିତ ଏଟିଏମ କାଉଣ୍ଟର, ବହି, ଲୁଗା ଓ ଔଷଧ ଦୋକାନରେ ମଧ୍ୟ ନିଆଁ ଲାଗି ଅଧା ନଷ୍ଟ ହୋଇଯାଇଥିଲା । ଦୋକାନ ବନ୍ଦ ଥିବାରୁ ସେଠାରେ କର୍ମଚାରୀମାନେ ମଧ୍ୟ ନଥିଲେ, ତେଣୁ ଜୀବନ ହାନୀ ଭଳି ବଡ଼ ଧରଣର କ୍ଷତିରୁ ବର୍ତ୍ତି ଯାଇଥିଲା । ସେପଟେ ନିଆଁ ଲାଗିଥିବା ମାର୍କେଟ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ପ୍ରମାଣପତ୍ର ନ ଥିବା ପ୍ରାଥମିକ ତଦନ୍ତରୁ ଅଗ୍ନିଶମ ବାହିନୀ ଜାଣିବାକୁ ପାଇଛି ।

• ପାରିବାରିକ କଳହର କରୁଣ ପରିଣତି

# ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ଯୁବକ



### ■ ଡାକ୍ତରଖାନାରେ ଭର୍ତ୍ତି; ଜଳିଯାଇଛି ୭୦ ପ୍ରତିଶତ ଶରୀର

ଭୁବନେଶ୍ୱର, ୨୦।୩ (ସମିସ): ରାଜଧାନୀରେ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହରୁ ଦେହରେ ନିଆଁ ଲଗାଇ ଦେଇଛନ୍ତି ଯୁବକ । ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିରେ ଏଭଳି ଘଟଣା ଘଟିଛି । ଗୁରୁତର କୁନା ଦାସଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, କୁନା ଓ ତାଙ୍କ ପତ୍ନୀ ଦୋଳମଣ୍ଡପ ସାହିର ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ରହୁଛନ୍ତି । ବିଭିନ୍ନ କାରଣକୁ ନେଇ ଅନେକ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । କୁନାଙ୍କ ଉପରେ ରାଗି ପତ୍ନୀ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ । ପତ୍ନୀ ଯିବାପରେ କୁନା ଚରମ ନିଷ୍ପତ୍ତି ନେଇଥିଲେ । ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ନିଆଁ ଲାଗିଯିବା ପରେ କୁନା ଛଟପଟ ହେବା ସହ ଚିତ୍କାର କରିଥିଲେ । ପାଟି ଶୁଣି ପଡ଼ୋଶୀମାନେ ଘର ଭିତରକୁ ଧାଇଁ ଆସିଥିଲେ । ଖବରପାଇ ପତ୍ନୀ ମଧ୍ୟ ସାଙ୍ଗେ ସାଙ୍ଗେ ଘରେ ପହଞ୍ଚିଥିଲେ । ଅନ୍ୟମାନଙ୍କ ସହାୟତାରେ କୁନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ସେତେବେଳକୁ କୁନାଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ି ଯାଇଥିଲା । ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୨୦।୩ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ରାୟ ଆଜି ପ୍ରକାଶ ପାଇଛି । ଆଡହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟର ବିଚାରପତି ସରୋଜ କୁମାର ସାହୁ ଏହି ମାମଲାର ବିଚାରକରି ଆସାମୀ ରମେଶ ଦାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ପୁଲିସ ସୂଚନାନୁସାରେ, ଢୁମୁଢୁମାସ୍ଥିତ ମାଉସୀ ଘରେ ରହୁଥିବା ଜଣେ ନାବାଳିକା ୨୦୨୦ ମସିହା ଫେବୃଆରୀ ୨୦ ତାରିଖ ମଧ୍ୟାହ୍ନ ସମୟରେ ଘର ନିକଟରେ ଖେଳୁକୁଦରେ ବ୍ୟସ୍ତ ଥିଲେ । ସେହି ସମୟରେ ଆଖପାଖରେ କେହି ନଥିବାର ସୁଯୋଗ ନେଇ ରମେଶ ତାଙ୍କୁ ଅଶାଳୀନ ପ୍ରଦର୍ଶନ କରିବା ସହ ଦୁଷ୍କର୍ମ କରିଥିଲା । ଝିଅର କାନ୍ଦ ଶୁଣି ପଡ଼ୋଶୀ ବଡ଼ ପାଟିକରି ଡାକ ପକାଇଥିଲେ । ତାଙ୍କ ଡାକ ଶୁଣି ପୀଡ଼ିତାଙ୍କ ମାଉସୀ ଓ ଅନ୍ୟମାନେ ଘଟଣାସ୍ଥଳକୁ ଦୌଡି ଆସିଥିଲେ । ଅଭିଯୁକ୍ତକୁ ଘେରି ଯାଇଥିଲେ ମଧ୍ୟ ସେ କୌଶଳ କ୍ରମେ ସେ ସେଠାରୁ ଖସି ପଳାଇଥିଲା । ରମେଶ ପୂର୍ବରୁ ମଧ୍ୟ ଥରେ ଏହିଭଳି କାଣ୍ଡ ଭିଆଇ ଥିବା ନେଇ ଜଣେ ପଡୋଶୀ କହିଥିଲେ । ପୀଡ଼ିତାଙ୍କ ମାଉସୀ ଏନେଇ ଥାନାରେ ଅଭିଯୋଗ କରିବା ଖଣ୍ଡ ଥାନା ପୁଲିସ କେସ୍ ନଂ- ୧୩୧/୨୦ରେ ୩୭୬/୫୧୧ ଆଇପିସି ଓ ପୋକସୋ ଆଇନର ଧାରା ୬ ରେ ମାମଲା ରୁଜୁ କରିଥିଲା । ତତ୍କାଳୀନ ଏସ୍ଆଇ ତଥା ବର୍ତ୍ତମାନର ଇନ୍ସପେକ୍ଟର ସସ୍ମିତା ଧଳ ଘଟଣାର ତଦନ୍ତ କରି ରମେଶ ଦାସକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୦ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୨୦ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ରମେଶ ଦାସଙ୍କୁ ପୋକସୋ ଆଇନର ଧାରା-୬ ଅନୁସାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜୋରିମନା ଦଣ୍ଡାଦେଶ ଶୁଣାଇଛନ୍ତି । ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୫ ମାସର ସଶ୍ରମ କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି । ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି, ଲ ସିଆରପିସିର ଧାରା ୩୭୫-ଏ ଆଧାରରେ ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବା ଲାଗି ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ ।

# ଜମିବାଡ଼ି ବିବାଦରୁ ଆକ୍ରମଣ; ଜଣେ ମୃତ

ଭୁବନେଶ୍ୱର, ୨୦।୩(ସମିସ): ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଙ୍କୁ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ରୋକଟ ଗ୍ରାମର ସୁକାନ୍ତ କୁମାର ବେଜ୍ । ଖବର ନେବାରୁ ଜଣାପଡ଼ିଛି, ୧୯୭୧ ମସିହାରେ ତିନି ଭାଇ ମିଶି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରୋକଟା ଅଞ୍ଚଳରେ ଜମି କିଣିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପାରିବାରିକ ବିଶୃଙ୍ଖଳା ତଥା ଜମି ବଣ୍ଟନକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା । ଫଳରେ ୩ ଭାଇଙ୍କ ନାମରେ ଥିବା ଜମିର ପାର୍ଟିସନ ମଧ୍ୟ ହୋଇପାରି ନ ଥିଲା । ଗତ ମାସ ୨୮ ତାରିଖ ସକାଳେ ଅଭିଯୋଗକାରୀଙ୍କ ପରିବାର ସଦସ୍ୟ ପ୍ଲଟ ନମ୍ବର-୫୨୮, ୭୩୩ ଓ ୭୨୮ ରେ ପାଚେରୀ ନିର୍ମାଣ କରୁଥିବା ବେଳେ ପ୍ରତିପକ୍ଷ ସଦସ୍ୟ ଅନ୍ତର୍ଭୁକ୍ତ ନିମ୍ନୋକ୍ତ ଅଭିଯୁକ୍ତ ଏବଂ ଅନ୍ୟ ମାନେ ହଠାତ ସଂଘବଦ୍ଧ ହୋଇ ସେଠାରେ ପହଞ୍ଚି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଫଳରେ ଧରଣୀଧର ବେଜ, ସସ୍ମିତା ବେଜ, ମନୋରମା ବେଜ ଗୁରୁତର ଆହତ ହୋଇଥିଲେ । ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଚଢଉ କରି ସୁକାନ୍ତ କୁମାର ବେଜ୍ ଓରଫ ଗୁନା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ।

# ଆକ୍ରମଣ କରି ଲୁଟ୍; ଦୁଇ କିନ୍ନର ଗିରଫ



ଭୁବନେଶ୍ୱର, ୨୦।୩(ସମିସ): ଜଣେ କିନ୍ନରଙ୍କୁ ବଳପୂର୍ବକ ନିଜ ଦଳରେ ସାମିଲ କରିବାକୁ ଉଦ୍ୟମ କଲେ । ସେ ଅରାଜି ହେବାରୁ ତାଙ୍କୁ ଆକ୍ରମଣ, ଅସଦାଚରଣ ଏବଂ ଲୁଟ୍ କରିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କ ଟ୍ରାନ୍ସଜେଣ୍ଡରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ଚନ୍ଦନପୁର ଅଞ୍ଚଳର ଚନ୍ଦନ କୁମାର ଭୋଇ ଏବଂ ତପନ କୁମାର ଭୋଇ ।

ସୂଚନାଯୋଗ୍ୟ ଯେ ଅଭିଯୋଗକାରିଣୀ ଏବଂ ଅଭିଯୁକ୍ତମାନେ ସମସ୍ତେ କିନ୍ନର ସମ୍ପ୍ରଦାୟର । ତଦନ୍ତରୁ ଏହା ଜଣାପଡ଼ିଛି ଯେ, ଏହି ଘଟଣା ଭରତପୁର ଅଞ୍ଚଳର ଦୁଇଟି କିନ୍ନର ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନର ବିବାଦର ପରିଣାମ । ପୀଡିତା ଲିପ୍ସିତା କର ପ୍ରାୟ ୫ ବର୍ଷ ପୂର୍ବରୁ ଅଭିଯୁକ୍ତ ମାନଙ୍କ ଗୋଷ୍ଠୀର ସଦସ୍ୟା ଥିଲେ, କିନ୍ତୁ ପରେ ସେ ସେହି ଗୋଷ୍ଠୀ ଛାଡ଼ି ଦେଇଥିଲେ । ଗତ ୧୧ ତାରିଖ ଦିନ ପ୍ରାୟ ୧୨.୩୦ ବେଳେ, ଯେତେବେଳେ ପୀଡିତା ଭରତପୁରରେ ତାଙ୍କ ଭଡା ଘରେ ଏକାକୀ ଥିଲେ, ସେତେବେଳେ ଚନ୍ଦନ କୁମାର ଭୋଇ ଓରଫ ଚନ୍ଦ୍ରିକା ଏବଂ ତପନ କୁମାର ମଲ୍ଲିକ ଓରଫ ସୋନିଙ୍କ ସହିତ ଅନ୍ୟ ଅଭିଯୁକ୍ତମାନେ ସେଠାରେ ଯାଇ ପହଞ୍ଚିଥିଲେ । ପୀଡିତାଙ୍କୁ ପୁଣି ଥରେ ତାଙ୍କ ଗୋଷ୍ଠୀରେ ଯୋଗଦେବା ପାଇଁ ସେମାନେ ଯାଇ ତାଙ୍କର ଘର କବାଟ ବାଡେଇଥିଲେ । ପୂର୍ବରୁ ଧମକ ପାଇଥିବାରୁ ଏବଂ ପୁଣି ସେହି ଗୋଷ୍ଠୀକୁ ଫେରିବାକୁ ଇଚ୍ଛା ନଥିବାରୁ ପୀଡିତା କବାଟ ଖୋଲିନଥିଲେ । ଏହାପରେ ଅଭିଯୁକ୍ତମାନେ ବଳପୂର୍ବକ କବାଟ ଭାଙ୍ଗି ଘରଭିତରକୁ ପ୍ରବେଶ କରି ପୀଡ଼ିତାଙ୍କୁ ଆକ୍ରମଣ କରିଥିଲେ । ସେମାନେ ପୀଡିତାଙ୍କ ପିନ୍ଧା ବସ୍ତ୍ର ଟଣାଓଟରା କରିବା ସହ ତାଙ୍କ ପ୍ରତି ଅପମାନ ଜନକ ଭାଷା ପ୍ରୟୋଗ କରିଥିଲେ । ପରେ ସେମାନେ ତାଙ୍କୁ ରାସ୍ତାକୁ ଟେଣି ନେଇ ତାଙ୍କ ପ୍ରତି ଅଶାଳୀନ ବ୍ୟବହର ପ୍ରଦର୍ଶନ କରିଥିଲେ । ଏହା ବ୍ୟତୀତ ଅଭିଯୁକ୍ତମାନେ ପୀଡିତାଙ୍କୁ ଅପହରଣ କରିବାର ଚେଷ୍ଟା କରିଥିଲେ ଏବଂ ଟଙ୍କା ଦାବି କରିଥିଲେ । ପୀଡ଼ିତାଙ୍କ ନିକଟରୁ ନଗଦ ଟଙ୍କା ନମିଳିବାରୁ ସେମାନେ ପୀଡିତାଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବାକୁ ବାଧ୍ୟ କରିଥିଲେ । ଫଳସ୍ୱରୂପ, ପୀଡିତା ତାଙ୍କ ଫୋନ-ପେ ମାଧ୍ୟମରେ ମୋଟ ୪୩ ହଜାର ଟଙ୍କା ଅଭିଯୁକ୍ତମାନଙ୍କ ବିଭିନ୍ନ ଆକାଉଣ୍ଟକୁ ପଠାଇଥିଲେ । ଘଟଣା ସମୟରେ ପୀଡ଼ିତା ପିସିଆର ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଆକ୍ରଅମଣକାରୀମାନେ ତାଙ୍କୁ ଭୟଭୀତ କରି ଗୁରୁତର ପରିଣାମର ଧମକ ଦେଇଥିଲେ ଏବଂ ପରେ ସେମାନେ ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିବା ଅଭିଯୋଗ ହୋଇଛି । ତଦନ୍ତ ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଥର୍‌ରେ ଆସିଲେ; ବୋଲେରୋ ଲୁଟିନେଲେ

ହଂସପାଳ, ୨୦।୩(ସମିସ): ବାଲିଅନ୍ତା ଥାନା ଅଧୀନ ହଂସପାଳ ଅଭୟମୁଖି ରାସ୍ତା ମାଟିକୋଟ ନିକଟରୁ ବୋଲେରୋ ପିକ୍ଅପ୍ ଗାଡ଼ି ଚୋରି କରିନେଲେ ଦୁର୍ବୃତ୍ତ । ବାଲିଅନ୍ତା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଆଧାରରେ ଘଟଣା ର ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି । ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ କଳା ରଙ୍ଗର ଥର୍ ଗାଡ଼ିରେ ଆସି ମାଟିକୋଟ ନିକଟରେ ଅଟକିଥିଲେ । ପରେ ଗାଡ଼ିରୁ ଓହ୍ଲାଇ ରାସ୍ତାପାର୍ଶ୍ୱ ସିମେଣ୍ଟ ଦୋକାନ ପାଖରେ ଥୁଆ ହୋଇଥିବା ବୋଲେରୋ ପିକ୍ଅପ୍ ଗାଡ଼ିକୁ କୌଶଳ କ୍ରମେ ସେଠାରୁ ନେଇ ପଳାଇଥିଲେ । ସକାଳୁ ଗାଡ଼ି ମାଲିକ ଜାଣିବାକୁ ପାଇଥିଲେ ଯେ ତାଙ୍କ ବୋଲେରୋ ପିକ୍ଅପ୍ ଗାଡ଼ିଟି ଚୋରି ହେଇଯାଇଛି । ସଙ୍ଗେ ସଙ୍ଗେ ମାଲିକ ଗାଡ଼ି ଚୋରି ଘଟଣା ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଆଧାରରେ ତଦନ୍ତ ଜାରି ରଖିଛନ୍ତି ।

# ଚୋରି ଅଭିଯୋଗରେ ନିଲୁ ଗିରଫ



ଧଉଳି, ୨୦।୩(ସମିସ): ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ତେଲିସାହିରେ ଏକ ଘରୁ ଚୋରି ଅଭିଯୋଗରେ ତେଲି ମଙ୍ଗଳା ସାହିର ନିଲୁ ବେହେରା ଓରଫ ବାଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଧଉଳି ଥାନା ପୁଲିସ । ଏଥିସହ ତା ଠାରୁ ଗୋଟେ ଏଲଇଡି ଟିଭି, ଦୁଇଟି ମ୍ୟୁଜିକ ବକ୍ସ, ଦୁଇଟି ଗ୍ରାଇଣ୍ଡର, ଦୁଇଟି ଷ୍ଟାଣ୍ଡ ଫ୍ୟାନ, ଗୋଟିଏ ମୋଟର ପାଣିପମ୍ପ ଆଦି ଜବତ କରିଛି । ଖବରନେବାରେ ଜଣାପଡ଼ିଛି ସର୍ବେଶ୍ୱର ମାଝୀ ନାମକ ଜଣେ ବ୍ୟକ୍ତି ପରିବାର ସହ ଏହି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ର ତେଲି ସାହିରେ ରୁହନ୍ତି । ଗତ ୧୮ ତାରିଖରେ ଶ୍ରୀ ମାଝୀ ପତ୍ନୀଙ୍କ ସହ ମିଶି ଓଲ୍ଡଟାଉନ ଅଞ୍ଚଳରେ ଥିବା ଭାଇଙ୍କ ଘରକୁ କୌଣସି ଏକ ଜରୁରି କାମରେ ଯାଇଥିଲେ ଏବଂ ସେହିଦିନ ରାତିରେ ସେହିଠାରେ ରହିଯାଇଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତ ବାଜା ବିଳମ୍ବିତ ରାତିରେ ଶ୍ରୀ ମାଝୀଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ଭିତରେ ଲାଗିଥିବା ଟିଭି, ସାଉଣ୍ଡ ବକ୍ସ ଏବଂ ଗ୍ରାଇଣ୍ଡର ସହ ନଗଦ ୧୫, ୦୦୦ ଟଙ୍କା ଚୋରୀକରି ଫେରାର ହୋଇଯାଇଥିଲେ । ତା ପରଦିନ ଅର୍ଥାତ ୧୯ ତାରିଖ ସକାଳେ ଶ୍ରୀ ମାଝୀ ପରିବାର ସହ ଘରେ ଆସି ପହଞ୍ଚିବା ପରେ, ଘର ଭିତରୁ ମୁଲ୍ୟବାନ ସାମଗ୍ରୀ ସବୁ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ତଦନ୍ତ ଚଳାଇଥିଲା । ଗୁରୁବାର ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୁଲିସ ଅଭିଯୁକ୍ତ ବାଜାକୁ ଗିରଫ କରିବା ସହ ଘରୁ ହୋଇଥିବା ଚୋରି ସାମଗ୍ରୀ ଜବତ କରିଥିଲା । ପ୍ରକାଶଥାଉକି ଅଭିଯୁକ୍ତ ବାଜା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଧଉଳି ଥାନାରେ ୭ଟି ବିଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

# ଧୁ ଧୁ ଖରାରେ କୁଟା କାମୁଡ଼ି ନ୍ୟାୟ ମାଗିଲେ ପାଚିକା



ଭୁବନେଶ୍ୱର, ୨୦।୩(ସମିସ): ନିଖିଳ ଓଡ଼ିଶା ପାଚିକା ରାଜ୍ୟ ସଂଘ ପକ୍ଷରୁ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ଡାକରାରେ ତିନି ଦିନ ଧରି ମହାତ୍ମା ଗାନ୍ଧୀ ମାର୍ଗରେ ଆହୋରକ୍ଷତ୍ର ଧାରଣା ଚାଲିଛି । ଶୁକ୍ରବାର ତୃତୀୟଦିନରେ ଧୁ ଧୁ ଖରାରେ ପାଟିରେ କୁଟା କାମୁଡ଼ି ହଜାର ହଜାର ପାଚିକା ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅଭିନବ ଢଙ୍ଗରେ ପ୍ରତିବକ୍ଷଦ କରିଥିଲେ । ଏଥିସହିତ ଠିଆ ହୋଇ ଆହେ ଦୟାମୟ ବିଶ୍ୱ ବିହାରୀ ଗାନ କରି ସରକାରଙ୍କୁ ଦୁଃଖ ବୁଝିବାକୁ ଗୁହାରୀ କରିଥିଲେ । ଗୁରୁବାର ବିଜେଡିର ଚାରିଜଣ ବିଧାୟକ ଆସି ବିଧାନସଭାରେ ଯୁକ୍ତିଯୁକ୍ତ ଦାବି ଉପସ୍ଥାପନା ପାଇଁ ପ୍ରତିଶ୍ରୁତି ଦେଇ ଯାଇଥିଲେ । ଶୁକ୍ରବାର ଏକାମ୍ର ବିଧାୟକ ବାବୁ ସିଂ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧାରଣାସ୍ଥଳକୁ ଅସି ସମସ୍ତ ଦାବି ଶୁଣିବା ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା । ପ୍ରକାଶ ଥାଉ କି ଦେଶରେ ପିଲାମାନଙ୍କୁ କୁପୋଷଣରୁ ରକ୍ଷା କରିବା ସହ ବିଦ୍ୟାଳୟ ପ୍ରତି ଆକର୍ଷିତ କରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ ସର୍ବାଧିକ କଲ୍ୟାଣ କାରି ଯୋଜନା ହେଉଛି ପି ଏମ ପୋଷଣ ବା ମଧ୍ୟାହ୍ନ ଭୋଜନ ଯୋଜନା । ଏହି ଯୋଜନାର ମୁଖ୍ୟ କାର୍ଯ୍ୟ ଦାୟକ ହେଲେ ମଧ୍ୟାହ୍ନ ଭୋଜନ ରାନ୍ଧୁଥିବା ପାଚିକା । ରାଜ୍ୟରେ ପ୍ରାୟ ୧ ଲକ୍ଷ ୧୦ ହଜାର ପାଚିକା ଦୈନିକ ମାତ୍ର ୮୦ ଟଙ୍କା ହିସାବରେ ମାସକୁ ୩ ହଜାର ଓ ଦଶ ମାସର ଦରମା ବାବଦରେ ୩୦ ହଜାର ଟଙ୍କା ବାର୍ଷିକ ପାଇଥାନ୍ତି । ହେଲେ ସେମାନଙ୍କୁ ଏପର୍ଯ୍ୟନ୍ତ ତିନି ମାସର ଦରମା ମିଳିନି । ଦୀର୍ଘ ୩୦ ବର୍ଷ ହେଲା ରାଜ୍ୟରେ ଯୋଜନା ଆରମ୍ଭ ହୋଇଥିଲା ବେଳେ ଏହି ପାଚିକା ମା ମାନେ ଦିନ ୯ ଟାରୁ ଅସି ମଧ୍ୟାହ୍ନ ଭୋଜନ ରାନ୍ଧିବା ସହ ସ୍କୁଲ ଓଳେଇ ସଫା, ବାସନ ଧୂଆ, ଛୋଟ ଛୋଟ ପିଲାଙ୍କୁ ଖୁଆଇବା ସହ ଶୌଚ ମଧ୍ୟ କରି ଦେଇଥାନ୍ତି । ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ଏମାନଙ୍କୁ ଏପର୍ଯ୍ୟନ୍ତ ସାମାନ୍ୟ ତମ ସ୍ୱୀକୃତି ବା ପରିଚୟ ପତ୍ର କିମ୍ବା ଚୁକ୍ତି ପତ୍ର ଦିଆଯାଇନି ଏହା ଦୁର୍ଭାଗ୍ୟ ଜନକ ବୋଲି ଆନ୍ଦୋଳନରେ ଯୋଗ ଦେଇ ଓଡ଼ିଶା ଅଭିଭାବକ ମହାସଙ୍ଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି । ପ୍ରାଇଭେଟ ସଂସ୍ଥା ରେ କାମ କଲେ ନିଯୁକ୍ତି ପତ୍ର ଓ ଚୁକ୍ତି ପତ୍ର ମିଳେ ହେଲେ ଆମେ ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧୁଛୁ ହେଲେ ଆମକୁ ଏପର୍ଯ୍ୟନ୍ତ ପରିଚୟ ପତ୍ର ମିଳିନି ବୋଲି ମା ମାନେ କହିଛନ୍ତି । ସରକାର ନେକି ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ଘୋଷଣା କରିଥିଲେ ବି ଏମାନଙ୍କ ପାଇଁ ଯେମିତି ନିଦରେ ସୋଇ ପଡ଼ିଛନ୍ତି ବୋଲି ପାଚିକା ସଙ୍ଘ କାର୍ଯ୍ୟକାରୀ ସଭାପତି ସରୋଜିନୀ କୁମରା କହିଛନ୍ତୁ ।

**■ ଦୟାମୟ ଗୀତ ଗାଇ ସରକାରଙ୍କୁ ଜଣାଇଲେ ଦୁଃଖ**

**■ ଆସିଥିଲେ ବିଜେଡି ବିଧାୟକ, ପରେ ଆସିଲେ ଶାସକ**

୮୦ ଟଙ୍କାରେ ଆଜିର ଦିନରେ ଜଣଙ୍କ ପାଇଁ ଭୋଜନ ହୋଇ ପାରୁନଥିବା ବେଳେ ମହଙ୍ଗା ଯୁଗରେ କେମିତି ପରିବାର ଚଳାଉଛନ୍ତି ତାହା ସରକାର ବାହାଦୁର ଟିକେ ଶୁଣନ୍ତୁ ବୋଲି ସଙ୍ଘ ସାଧାରଣ ସମ୍ପାଦିକା ସୁମିତ୍ରା ରଥ ଦାବି କରିଛନ୍ତି । ଆମକୁ ପ୍ରତିଦିନ ଶିକ୍ଷକ ଓ କମିଟି ଲୋକ ବାହାର କରିଦେବୁ ବୋଲି ମଧ୍ୟ ଧମକ ଦେଉଛନ୍ତି ବୋଲି ଧାରଣା ସ୍ଥଳରେ ଥିବା ମା ମାନେ କକ୍ଷନ୍ଦି କନ୍ଦି କହିଛନ୍ତି । ସରକାର ଯଦି ୮୦ ବର୍ଷ ରୁ ବୃଦ୍ଧ ମାନଙ୍କ ଭତ୍ତା ୩୫୦୦ ଦେଉଛନ୍ତି ଆମେ ୮ ଘଣ୍ଟା କାମ କଲେ ଏତିକି ଟଙ୍କା କି ପ୍ରକାର ବିଚାର ବୋଲି ଉପ ସଭାପତି ଶାନ୍ତି ଲୋହାର କହିଛନ୍ତି । ଅଙ୍ଗନବାଡିରେ ଯେଉଁ ସହାୟକ ମାନେ ପିଲାଙ୍କୁ ଶୁଖିଲା ଖାଦ୍ୟ ଦେଉଛନ୍ତି ତାଙ୍କୁ ୫୮୦୦ ଦେଉଛନ୍ତି ଆମକୁ ଏ କି ପ୍ରକାର ଅବିଚାର ବୋଲି ସମ୍ପାଦିକା ସଞ୍ଜୁଲତା ବିଶ୍ୱାଳ କହିଛନ୍ତି । ୨୫ ପିଲାରୁ କମ ହୋଇଗଲେ ଜଣଙ୍କୁ ବାହାର କରିଦେଉଛନ୍ତି । ସେମାନେ ଏତେ ବର୍ଷ କାମ କଲା ପରେ ଯିବେ କୁଆଡେ ବୋଲି ପ୍ରଶ୍ନ କରିଛନ୍ତି କୋଷାଧାଖ୍ୟା ସନ୍ଧ୍ୟାରାଣୀ ସ୍ୱାଇଁ । ଆମ ପାଇଁ ସକ୍ଷମାଜିକ ସୁରକ୍ଷା ନାହିଁକି, କୌଣସି ବୀମା ମଧ୍ୟ ନାହିଁ ବୋଲି ସମ୍ପାଦିକା ସଂଯୁକ୍ତା ବିଷୋୟୀ କହିଛନ୍ତି । ରୋଷେଇ ବେଳେ ଦୁର୍ଘଟଣା କି ଅଘଟଣା ହୋଇ ମୃତାହତ ହେଲେ ଏପର୍ଯ୍ୟନ୍ତ ତାଙ୍କ କ୍ଷତିପୂରଣ କିମ୍ବା ସାହାର୍ଯ୍ୟ କିଛି ନାହିଁ ଗାୟତ୍ରୀ ମହାରଣା କହିଛନ୍ତି । ବିଦ୍ୟାଳୟ ମିଶ୍ରଣ ଯୋଜନା ଆଳରେ ମଧ୍ୟ ଦୀର୍ଘ ବର୍ଷ ଧରି ରାନ୍ଧୁଥିବା ଅନେକ ମା ମାନଙ୍କୁ ବାହାର କରି ଦେବା ମଧ୍ୟ ଅମାନବୀୟ ବୋଲି ନର୍ମଦା ସାହୁ ଓ ମଞ୍ଜୁଲତା ପଣ୍ଡା କହିଛନ୍ତି ।





# ଆହାର କେନ୍ଦ୍ରରେ ବି 'ଯୁଦ୍ଧ' ପାହାର

ଭୁବନେଶ୍ୱର, ୨୦ ।୩(ସମିସ): ସାଧାରଣ ଲୋକ ହୁଅନ୍ତୁ ଅବା ଦିନ ମଜୁରିଆ କିମ୍ବା ଛାତ୍ରଛାତ୍ରୀ ସମସ୍ତଙ୍କୁ ୫ ଟଙ୍କାରେ ଭାତ, ଡ଼ାଲମା, ଆଚାର ସୁହାଉଛି । ହେଲେ ଯୁଦ୍ଧ ପ୍ରଭାବରେ ଗ୍ୟାସ ମିଳୁ ନ ଥିବାରୁ ହୋଟେଲ ରେଷ୍ଟୋରେ ଖାଇବା ମିଳୁନି । ଫଳରେ ଅନେକ ମଧ୍ୟବିତ ଶ୍ରେଣୀର ଲୋକେ ବି ଆହାର କେନ୍ଦ୍ରକୁ ଆସୁଛନ୍ତି । ଯେଉଁଥିପାଇଁ ଆହାର କେନ୍ଦ୍ରରୁ ଆଗୁଆ ଭୋଜନ ସରି ଯାଉଛି । ଅନେକ ଲୋକେ ଭୋଜନ ନ ପାଇ ଆହାର କେନ୍ଦ୍ରରୁ ନ ଖାଇ ଫେରି ଯାଉଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି

- ଦେଢ଼ ଘଣ୍ଟାରେ ବନ୍ଦ ହୋଇଯାଉଛି ଟିକଟ୍ କାଉଣ୍ଟର
- ଭୋକିଲା ପେଟରେ ଫେରୁଛନ୍ତି ଲୋକେ

 କ୍ୟାପିଟାଲ ପରିସରରେ ଥିବା ଆହାର କେନ୍ଦ୍ର ।

୨୦୧୫ ମସିହାରେ ପୂର୍ବତନ ସରକାର ଏହି ଆହାର ଯୋଜନା ଶୁଭାରମ୍ଭ କରିଥିଲେ। ଗୋଟିଏ ଗୋଟିଏ ଆହାର ଭୋଜନ ପାଇଁ ୨୭ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏ ବାବଦରେ ସରକାର ଦେଉଛନ୍ତି ୨୨ ଟଙ୍କା। ସହରର ୧୪ଟି କେନ୍ଦ୍ରରେ ଦିନବେଳା ୯୬୫୦ ଭୋଜନ ୫ ଟଙ୍କାରେ ଦିଆଯାଉଥିବା ବେଳେ ରାତିରେ



୬ ଟି କେନ୍ଦ୍ରରେ ୨ ହଜାର ଆହାର ଦିଆଯାଉଛି। କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ର ଆହାର କେନ୍ଦ୍ରକୁ ପ୍ରତିଦିନ ସକାଳେ ୧୨ଶହ ଲୋକଙ୍କ ପାଇଁ ଆହାର ଆସୁଥିବା ବେଳେ ରାତିରେ ୨ଶହରୁ ୩ ଶହ ଲୋକଙ୍କ ପାଇଁ ଆହାର ଆସୁଛି। କିନ୍ତୁ ବର୍ତ୍ତମାନ ଗ୍ୟାସ ସମସ୍ୟା ଥିବାରୁ ଲୋକ ହୋଟେଲରେ ଅଧିକ ଟଙ୍କା ଦେଇ ଖାଇବାକୁ ପସନ୍ଦ କରୁ ନ ଥିବା ବେଳେ ପାଖ ଆହାର କେନ୍ଦ୍ର ଉପରେ ନିର୍ଭରଶୀଳ ହେଉଛନ୍ତି। ଏଥିସହିତ ରୋଗୀଙ୍କ ସହ ଆସିଥିବା ଆଟେଣ୍ଡାଣ୍ଟ ମଧ୍ୟ ଆହାର କେନ୍ଦ୍ରକୁ ଖାଇବା ପାଇଁ ଆସୁଛନ୍ତି। ହେଲେ ଟିକଟ କାଉଣ୍ଟର ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ବୋଲି ସାଇନ୍ ବୋର୍ଡ଼ ଲଗାଯାଇଛି କିନ୍ତୁ ୧୧ଟାରୁ ୧୨.୩୦ ଭିତରେ ଟିକଟ କାଉଣ୍ଟର ଖାଲି ହୋଇଯାଉଛି। ଫଳରେ ଅନେକ ଲୋକ ଭୋକିଲା ପେଟରେ ଆହାର କେନ୍ଦ୍ର ଆଗରୁ ଫେରି ଯାଉଛନ୍ତି। ଏପଟେ ଲୋକେ ଖାଦ୍ୟ ପାଉ ନ ଥିବା ବେଳେ ସେପଟେ ଏକ କୁଣରେ ଶହ ଶହ ଥାଳି ପଡ଼ି ପଡ଼ି ଖତ ଖାଉଛି। ଏହିପରି ଆହାର କେନ୍ଦ୍ର ଭିତରେ କାଦୁଅ ପଚପଚରେ ଅନେକ ଲୋକ ତଳେ ବସି ଖାଉଥିବା ବେଳେ ପାଣି ପିଇବାକୁ ଗ୍ଲାସ ନଥିବାରୁ ଲୋକେ ଥାଳିରେ ପାଣି ପିଉଛନ୍ତି। ଏବଂ ଲୋକଙ୍କ ହାତ ଧୋଇବା ପାଇଁ ଡ଼ିଟରଜେଣ୍ଟ କିମ୍ବା ଲିକ୍ୟୁଇଡ୍ ଷ୍ଟାଣ୍ଡ ଖାଲି ପଡ଼ିଛି। ଫଳରେ ଲୋକେ ଖାଲିରେ ହାତ ଧୋଇ ଖାଇବା ଖାଉଛନ୍ତି। ଏହିପରି ମଧ୍ୟ ୧୨ଶହ ଲୋକଙ୍କ ପାଇଁ ୧୨ କିଲୋ ଆଚାର ଅଣ୍ଟୁନାହିଁ। ଅନେକ ଲୋକ ବିନା ଆଚାରରେ ଆହାର ଖାଉଛନ୍ତି ବୋଲି ଖାଦ୍ୟ ବାଣ୍ଟୁଥିବା ଜଣେ କର୍ମଚାରୀ କହିଛନ୍ତି।

ଶୁକ୍ରବାର ଆହାର କେନ୍ଦ୍ର ପାଖରୁ ଶାସ୍ତ୍ରୀ ନଗରର ରେଣୁକା ପାତ୍ର ଖାଇବା ପାଇଁ ଟିକଟ ନବାକୁ ଆସିଲା ବେଳେ ଟିକଟ କାଉଣ୍ଟର ବନ୍ଦ ଥିବାରୁ ମନ ଦୁଃଖରେ ଫେରି କେଉଁଠି ଖାଇବାକୁ ମିଳିବ ଲୋକଙ୍କୁ ପଚାରୁଥିଲେ। ଠିକ୍ ଏହିପରି ମଧ୍ୟ ଆହାର ଖାଇବା ପାଇଁ ଧାଡ଼ି ଲାଗିଥିବା ଧାଡ଼ିରେ ଅନେକ ଲୋକ ବିନା ଟକଟରେ ଠିଆ ହେଲେ କିନ୍ତୁ କିଛି ସମୟ ଠିଆ ହବା ପରେ ଟକଟ ନଥିଲେ ଖାଇବାକୁ ମିଳିବ ନାହିଁ ଜାଣିବା ପରେ ଧାଡ଼ିରୁ ବାହାରି ଆସିଲେ। କେବଳ ଏହି ଲୋକମାନେ ନୁହନ୍ତି ପ୍ରତିଦିନ ଅନେକ ଲୋକେ ଆହାର କେନ୍ଦ୍ର ପାଖକୁ ଆସୁଛନ୍ତି କିନ୍ତୁ ଆହାର ଖାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ କଟକର ରତନ କୁମାର କୁହନ୍ତି ଆମେ ରୋଗ ଦେଖାଇବାକୁ ଆସୁଛୁ ସେପଟେ ଡାକ୍ତରଖାନାରେ ଏପେଟ ସେପଟ ହେଲା ବେଳକୁ ଏଠି ଖାଇବା ମିଳୁନି ଆଉ ବାହାରେ ମଧ୍ୟ ଖାଇବା ବଢ଼ି ଗଲାଣି ଯାହା ଫଳରେ ଆମେ ଖାଇବା ପାଇଁ ହନ୍ତସନ୍ତ ହବାକୁ ପଡୁଛି ବୋଲି ସେ କହିଛନ୍ତି। ବିଏମ୍‌ସିର ଡ଼େପୁଟି କମିଶନର ଆହାର ଇନ୍‌ଚାର୍ଜରେ ଥିବା ପ୍ରୟଙ୍କା ମଲ୍ଲିକ କୁହନ୍ତି ଆହାର କେନ୍ଦ୍ରକୁ କିଛି ଅଧିକାରୀଙ୍କୁ ପରିଦର୍ଶନ ପାଇଁ ପଠାଯିବ ପରେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ପ୍ରସ୍ତୁତି

● ନୀତି ନିର୍ଘଣ୍ଟକୁ ଟ୍ରଷ୍ଟ ବୋର୍ଡର ଅନୁମୋଦନ

ଭୁବନେଶ୍ୱର, ୨୦ ।୩(ସମିସ): ଗତ ସୋମବାର ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ରୁକୁଣା ରଥଯାତ୍ରା ପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ଏହି ବୈଠକରେ ଚଳିତ ବର୍ଷ ଆସନ୍ତା ୨୬ ତାରିଖରେ ରଥଯାତ୍ରା ଓ ୩୦ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବା ସହ ରଥଯାତ୍ରା ଦିନ ଭୋର ୪ ଘଟିକାରୁ ସାଢେ ଚାରି ଘଟିକା ପର୍ଯ୍ୟନ୍ତ ମଙ୍ଗଳ ଆଳତୀ ଓ ଅବକାଶ, ପରେ ପରେ ୫ ଘଟିକା ପର୍ଯ୍ୟନ୍ତ ସାହଣମେଲା ଦର୍ଶନ ହେବ। ସେହିଭଳି ମଧ୍ୟାହ୍ନ ୧୦.୧୫ ଘଟିକାରୁ ୧୦.୪୫ ଘଟିକା ପର୍ଯ୍ୟନ୍ତ ଯାତ୍ରା ପୂଜା ଶେଷ ପରେ ଶ୍ରୀ ଜିଉଙ୍କ ପହଣ୍ଡି, ରଥରେ ପୂଜା, ଘୋଡା ଯୋଚା ଓ ଚାରମାଳ ଖୋଲା ପରେ ଅପରାହ୍ଣ ସାଢେ ୨ଟାରେ ରଥଟଣା ହେବ ବୋଲି ସମୟ ସ୍ଥିର କରାଯାଇଥିଲ।। ଅନୁରୂପ ଭାବେ ବାହୁଡ଼ା ଯାତ୍ରା ଦିନ ଅପରାହ୍ଣ ସାଢେ ୨ଟାରେ ମଧ୍ୟ ରଥଟଣା ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନୀତି ନିର୍ଘଣ୍ଟକୁ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଉକ୍ତ ନୀତି ନିର୍ଘଣ୍ଟକୁ ଉପସ୍ଥାପିତ କରାଯାଇ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଅନୁମୋଦନ ଦିଆଯାଇଛି। ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ବିଭାଗୀୟ ଅଧିକାରୀ ମାନେ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅସ୍ଥାୟୀ ଭୋଗପିଣ୍ଡି, ସଫେଇ, ଆଲୋକୀକରଣ, ମନ୍ଦିରକୁ ଫୁଲରେ ସଜେଇବା, ପାନୀୟ ଜଳ ବୋତଲ ବ୍ୟବସ୍ଥା କରିବାକୁ ଭୁବନେଶ୍ୱର ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ପାନୀୟ ଜଳ ଯୋଗାଣ, ରାସ୍ତା ଧୌତ, ରଥ ଆଗରେ ଓ ପଛରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା ପାଇଁ ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନି ନିର୍ବାପନ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତା ମରାମତି, ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଏକାମ୍ର ବିଧାୟକ ବାବୁ ସିଂ ନିବେଦନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଲିଙ୍ଗରାଜ ମନ୍ଦିର ଅତିରିକ୍ତ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭରିମାଲ୍ଲ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓୟୁଏଟି କୃଷକ ମେଳା ଉଦ୍‌ଘାଟିତ



ଭୁବନେଶ୍ୱର, ୨୦ ।୩(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କୃଷି ଶିକ୍ଷା ସଦନଠାରେ ୨ ଦିନିଆ ଓୟୁଏଟି କୃଷକ ମେଳା ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗ ଦେଇ ଚାଷୀ ଭାଇଭଉଣୀମାନଙ୍କୁ ବିଗତ ବର୍ଷ ମାନଙ୍କରେ ରାଜ୍ୟବାସୀଙ୍କୁ ନିରନ୍ତର ଭାବେ ଯୋଗାଇଦେଉଥିବା ଖାଦ୍ୟ ଶସ୍ୟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ମହିଳା ଚାଷୀଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାରୀ ଯୋଜନାର ପରିସୀମାକୁ ବୃଦ୍ଧି କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ ଯୋଗ ଦେଇ କୃଷି କ୍ଷେତ୍ରରେ ମହିଳାଙ୍କ ବହୁଳ ମାତ୍ରାରେ ଯୋଗଦାନକୁ ପ୍ରଶଂସା କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଚାଷୀଙ୍କ ହିତରେ ସର୍ବଦା ବିଶ୍ୱବିଦ୍ୟାଳୟ ତତ୍ପର ବୋଲି ମତ ରଖିଛନ୍ତି। ଏହି ଅବସରରେ ୩୦ ଟି ଜିଲ୍ଲାର ୩୩ଟି କୃଷି, ମତ୍ସ୍ୟ, ପଶୁ ସମ୍ପଦ କ୍ଷେତ୍ରରେ ବିଶେଷ ଯୋଗଦାନ ଦେଇଥିବା ତଥା କୃଷି ଉଦ୍‌ଯୋଗ ପ୍ରତିଷ୍ଠା କରିଥିବା ମହିଳା କୃଷକଙ୍କୁ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ ସର୍ବଭାରତୀୟ ପ୍ରକଳ୍ପ ମାଧ୍ୟମରେ ଓୟୁଏଟି ସହିତ ଜଡିତ ଥିବା ୧୨ ଜଣ ଏଆଇସିଆରପି ମାନଙ୍କୁ ନାନାଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପୂର୍ବକ କୃତିତ୍ୱ ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ଚାଷୀଙ୍କ ହିତରେ କାର୍ଯ୍ୟକାରୀ ହେବାକୁ ଥିବା କେତେକ ପ୍ରକାଶନ, ତ୍ରୈ÷ମାସିକ କୃଷି ପତ୍ରିକା ଚାଷୀର ସଂସାର, ମାସିକ ସମ୍ବାଦ ପତ୍ରିକା 'ଓୟୁଏଟି ଟାଇମ୍ସ ଉନ୍ମୋଚିତ ହୋଇଥିଲା। ଏହା ସହ ଓୟୁଏଟି ପରିସରରେ ଥିବା କୃଷକ ଭବନରେ କୃଷି ମେଳାର ଆୟୋଜନ କରାଯାଇଛି। ଏଥିରେ ୧୫ରୁ ଅଧିକ କୃଷି ସମ୍ପର୍କିତ ଷ୍ଟଲ ବିଭିନ୍ନ ବିଭାଗ, କୃଷି ମହାବିଦ୍ୟାଳୟ ତରଫରୁ ପ୍ରଦର୍ଶିତ ହେଉଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଓ ଗବେଷଣା ଅଧ୍ୟକ୍ଷ ପ୍ରଫେସର ପ୍ରସନ୍‌ଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୨୦।୩(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ 'ଦ ଫିଉଚର ମିଟ ଟ୍ରାଡିସନ୍' ଶୀର୍ଷକ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଜୟଦେବ ଭବନଠାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦୁଇଜଣ ଯୁବ ଶିଳ୍ପୀ ବିବ୍ୟାଶୀ ରାଉତ ଏବଂ ଶୁଭାଶୀ ରାଉତଙ୍କ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେମାନଙ୍କ ପ୍ରଦର୍ଶନ ପାରମ୍ପରିକତା ଓ ଯୁବ ଅଭିବ୍ୟକ୍ତିର ସୁନ୍ଦର ସମନ୍ୱୟକୁ ପ୍ରକାଶ କରିଥିଲା। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରୁ ବିଭିନ୍ନ ସଙ୍ଗୀତ ପ୍ରେମୀ ଓ ସାଂସ୍କୃତିକ ଉତ୍ସାହୀମାନେ ଯୋଗ ଦେଇଥିଲେ।

## ଆଲୋଚନାରେ 'ବାପା'



ଭୁବନେଶ୍ୱର, ୨୦।୩(ସମିସ): 'ସାମ୍ପ୍ରତିକ ସମାଜ ବ୍ୟବସ୍ଥାରେ ବାପାମାଆମାନେ ଅବହେଳାର ଶିକାର ହେଉଛନ୍ତି ଯାହା ଏକ ବ୍ୟାଧିଗ୍ରସ୍ତ ସମାଜ ଆଡ଼କୁ ଦେଶ ଟାଣି ହୋଇ ଯାଉଛି' ବୋଲି ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀସାଗରର ଏମରାଲ୍ଡ ଭବନ କମ୍ୟୁନିଟ ହଲରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ 'ବାପା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ସର୍ବୋଦୟ ନେତା ତଥା ସମାଜସେବୀ ବାଉରୀବନ୍ଧୁ ମହାନ୍ତି ସ୍ମୃତି ନ୍ୟାସ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବର୍ତ୍ତମାନର ଯୁବପିଢି ନିଜ ସନ୍ତାନମାନଙ୍କୁ କେବଳ କ୍ୟାରିୟର ଗଢିବାର ମାନସିକ ପ୍ରସ୍ତୁତି ନୁହେଁ ବରଂ ସାମାଜିକତା ଓ ମାନବତା ଉପରେ ଶିକ୍ଷିତ କରାଇବାର ଆବଶ୍ୟକତା ରହିଛି। କଥାକାର ଓ ଔପନ୍ୟାସିକ ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାହିତ୍ୟିକ ଓ ପ୍ରାବନ୍ଧିକ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, କଥାକାର ଓ ଔପନ୍ୟାସିକ କବିତା ବାରିକ, କବି ଓ ସ୍ତମ୍ଭକାର ନିରାକାର ଦାସ, ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ଶର୍ମିଷ୍ଠା ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଜୟଶ୍ରୀ ପଟ୍ଟନାୟକ, କବି ସବିତା ମହାନ୍ତି, କଥାକାର ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, ବିଶିଷ୍ଟ କଥାକାର ରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରଫେସର ଗଙ୍ଗାଧର ଦାଶ, ଲେଖକ ତଥା 'ସମ୍ପର୍କସେତୁ' ର ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଅତୀତର ମହାନ ପିତାମାନଙ୍କ ସମାଜ ଓ ଦେଶ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପିକା ସଂଘମିତ୍ରା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭାୟୋଲିନ୍ ଧୂନ୍‌ରେ କମ୍ପିଲା 'ଉତ୍ସାହ'

ଭୁବନେଶ୍ୱର, ୨୦।୩(ସମିସ): ଅମୀତ ଭାୟୋଲିନ୍ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ 'ଉତ୍ସାହ' ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଗୁରୁ ସୁନିଲ ସିଂ ମହାନ୍ତ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ କେ. ରାମାରାଓ ପାତ୍ର, ଗୁରୁ କୁଳମଣୀ ସାହୁ, ଗୁରୁ ହରିହର ମହାପାତ୍ର, ଗୁରୁ ଅଶୋକ କୁମାର ଘୋଷାଲ, ଗୁରୁ ପ୍ରଦୀପ କୁମାର ଦାସ, ଗୁରୁ ରାମଚନ୍ଦ୍ର ମହାନ୍ତି, ଗୁରୁ ଡ. ସନ୍ଦିପ୍ କୁମାର ରାଉତ ପ୍ରମୁଖ



ଯୋଗ ଦେଇଥିଲେ। ଏହି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। କୁନିକଳାକାରଙ୍କ ଦ୍ୱାରା ରାଗ-ଭୁପାଲି, ଭୁପାଲି ଧୂନ୍ ଓ ଶୁଦ୍ଧ ବିଲାଓଲ ଧୂନ୍ ପରିବେଷଣ କରାଯାଇଥିଲା। ଗୁରୁ ଅମୀତ୍ କୁମାର ଦାସଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଭାଓଲିନ୍ ଯୁଜ, ଆପପ୍ଲେସନ ଆଣ୍ଡ ପ୍ରାକଟିସ' ଉନ୍ମୋଚିତ ହୋଇଥିଲା। ପରେ ପରେ ଗୁରୁ ଡ. ପ୍ରଶାନ୍ତ କୁମାର ପାଢ଼ୀଙ୍କ ଦ୍ୱାରା ଏକକ ବେହେଲା ବାଦନ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସଭାପତି ଅମିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

● ଆର୍‌ଏସ୍‌ଏସ୍‌ର ଶହେବର୍ଷ ପୂର୍ତ୍ତି

## ୩୦ ଲକ୍ଷ ପରିବାର ସହ ସମ୍ପର୍କ ଯୋଡ଼ିଲେ ସ୍ୱୟଂସେବକ

ଭୁବନେଶ୍ୱର, ୨୦ ।୩(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ର ଶହେବର୍ଷ ପୂର୍ତ୍ତି ଅବସରରେ ପରିବାର ସହ ସମ୍ପର୍କ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ସେହିପରି ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ସ୍ୱୟଂସେବକମାନେ ୩୧ ହଜାର ୬୪୫ଟି ଗ୍ରାମ ଓ ୭୪୨ଟି ନଗରରେ ପ୍ରାୟ ୩୦ ଲକ୍ଷ ପରିବାର ସହ ସମ୍ପର୍କ କରିଛନ୍ତି ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି।

ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ ୧୩୯୮ଟି ହିନ୍ଦୁ ସମ୍ମିଳନୀ, ୭୩ ଯୁବା ସମ୍ମିଳନୀ ଓ ୨୨୭ ସାମାଜିକ ସଦ୍‌ଭାବ ବୈଠକ ମାଧ୍ୟମରେ ବ୍ୟାପକ ଆଲୋଚନା କରାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶାରେ ୩୦୪୧ ଦୈନିକ ଶାଖା ଓ ୫୮୦ ସାପ୍ତାହିକ ମିଳନ କାର୍ଯ୍ୟକ୍ରମ କରାଯାଉଛି। ୧୯୬ ବସ୍ତି ସେବାକାର୍ଯ୍ୟ ଓ ୧୭୨ ବସ୍ତିରେ ସମ୍ପର୍କ ଯୋଡ଼ିବା କାର୍ଯ୍ୟକ୍ରମ କରାଯାଇଛି। ଚଳିତ ବର୍ଷ ସମଗ୍ର ଦେଶରେ ୯୬ଟି ପ୍ରଶିକ୍ଷଣ ବର୍ଗ ହେବାକୁ ଥିବାବେଳେ ଓଡ଼ିଶାରେ ୩ଟି ବର୍ଗ ଆୟୋଜନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା, ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସଙ୍କ ବହୁ ସ୍ୱୟଂସେବକ ଉପସ୍ଥିତ ଥିଲେ।

## ନଷ୍ଟ ହେଉଛି ୮୯ ଲକ୍ଷର ଗୃହ



ହଂସପାଳ, ୨୦।୩(ସମିସ): ରାଜଧାନୀ ଉପକଣ୍ଠ ହଂସପାଳ ଅଭୟମୁଖି ରାସ୍ତାକର ବାଲିଅନ୍ତା ଅଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଶୋଚନୀୟ ହୋଇ ପଡ଼ିରହିଛି। ୮୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ। ପୁରୁଣା ଘର ଛାତରୁ ସିମେଣ୍ଟ ଢ଼ଳାଇ ଖଣ୍ଡ ଖସୁଥିବା ବେଳେ ବର୍ଷାହେଲେ ଛାତରୁ ପାଣି ଗଳୁଛି। ପ୍ରତିଦିନ ଶହଶହ ରୋଗୀ ଏଠାକୁ ଆସୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟରତ ଡାକ୍ତର ଓ ନର୍ସ ମଧ୍ୟ ନିଜକୁ ନିରାପଦ ମଣୁନାହାନ୍ତି। ଛାତର ସ୍ଥିତି ଠିକ୍ ନ ଥିବାରୁ ଏହା କୋଉ ମୁହୂର୍ତ୍ତରେ ବି ଭୁଶୁଡ଼ି ଯାଇପାରେ ତାହା କହିହେବ ନାହିଁ। ବାଲିଅନ୍ତା ବେଣୁପୁର ଓ ତାର ଆଖପାଖ ଅଞ୍ଚଳର ପ୍ରାୟ ୧୦ ହଜାରରୁ ଅଧିକ ଲୋକ ଏଇ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ହଂସପାଳ ଅଭୟମୁଖି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିବାରୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। କିନ୍ତୁ ପରିତାପର ବିଷୟ ଯେ ଏଠାରେ ଆବଶ୍ୟକ ଅନୁଯାୟୀ ଶିଶୁ ବିଭାଗ, ପ୍ରସୂତି ବିଭାଗ, ଭେଷଜ ବିଭାଗ ଡାକ୍ତର ନ ଥିବାରୁ ଲୋକମାନେ ବହୁ ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ନୂତନ ଗୃହକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଇ ଆବଶ୍ୟକ ମୁତାବକ ଡାକ୍ତର ଯୋଗାଇଦେବା ନେଇ ଅଞ୍ଚଳବାସୀ ଦାବିକରିଛନ୍ତି।

# ରନ୍ଧନ ଗ୍ୟାସ୍ ଦରବୃଦ୍ଧିର ପ୍ରତିବାଦ




ଭୁବନେଶ୍ୱର, ୨୦ ।୩(ସମିସ): ରନ୍ଧନ ଗ୍ୟାସ୍ ଓ ଖାଇବା ତେଲ ଦର ବୃଦ୍ଧିକୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓ ବିଜେଏମ୍‌ୟୁ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ରାଜମହଲ ଛକଠାରେ ରାସ୍ତାରୋକ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଶୋଭାଯାତ୍ରାରେ ବାହାରି ରାଜମହଲ ଛକଠାରେ ସମବେତ ହୋଇଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ସରକାର ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ୍ ଅଛି, କିନ୍ତୁ ଖାଉଟିମାନଙ୍କୁ ଗ୍ୟାସ୍ ମିଳୁ ନାହିଁ ବୋଲି ଅଭିଯୋଗ କରି ବିକ୍ଷୋଭ କରିଥିଲେ। ବ୍ୟବହାରକାରୀ ଗ୍ୟାସ୍ ଏଜେନ୍ସି ପାଖରେ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଠିଆ ହୋଇ ଗ୍ୟାସ୍ ଆଣୁଛନ୍ତି। ଗ୍ୟାସ୍ ନ ମିଳିବାରୁ ଛୋଟ ଛୋଟ ଦୋକାନୀମାନଙ୍କ ବେପାର ବନ୍ଦ ହୋଇଗଲାଣି। ଅପରପକ୍ଷେ ରନ୍ଧନ ଗ୍ୟାସ୍ ସିଲିଣ୍ଡର କଳାବଜାରରେ ୩ ହଜାର ଟଙ୍କାରେ ବିକ୍ରି ହେଲାଣି। ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ସାଙ୍ଗକୁ ଖାଇବା ତେଲ ଦର ବାରମ୍ବାର ବୃଦ୍ଧି ଯୋଗୁଁ ଗୃହିଣୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଣି ବୋଲି ସେ କହିଛନ୍ତି। ସରକାର ସୁଭଦ୍ରା ଯୋଜନାରେ ଯେଉଁ କିଛି ଟଙ୍କା ଦେଇ ବାହାବା ନେଉଥିଲେ, ଗୃହିଣୀମାନେ ଏ ବାବଦରେ ସବୁ ଖର୍ଚ୍ଚ ହୋଇଗଲାଣି ବୋଲି କହୁଛନ୍ତି। ହୋଟେଲ ବ୍ୟବସାୟୀମାନେ ଏହି ମଉକାରେ ଖାଦ୍ୟଦ୍ରବ୍ୟ ମୂଲ୍ୟ ବୃଦ୍ଧି କରିଦେଲେଣି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ସାଧାରଣ ଲୋକେ ଏମିତି ହନ୍ତସନ ହେଉଥିବାବେଳେ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛନ୍ତି ବୋଲି ସିପିଆଇ ନେତାମାନେ କହିଛନ୍ତି। ଏହି ବିକ୍‌ଷୋଭରେ ସିପିଆଇ ଜୋନ ସମ୍ପାଦକ କୈଳାସ ପୁହାଣ, ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ଶଙ୍କର ବାରିକ, ଜୋନ ସହସମ୍ପାଦକ ବିଶ୍ୱଜିତ୍ ନାୟକ, ଶରତ ସ୍ୱାଇଁ, ଛେତମ୍ବର ଭୋଇ, ଅଭୟ ବାରିକ, ରଘୁ ନାୟକ, ନୀଳମଣି ସାହୁ ଓ ସୁଷମା ଭୋଇ ପ୍ରମୁଖ ଏହି ବିକ୍ଷୋଭ ଓ ସମାବେଶର ନେତୃତ୍ୱ ନେଇଥିଲେ।

## ରାସ୍ତାକୁ ଓହ୍ଲାଇଲା ଏଆଇଏମ୍‌ଏସ୍‌ଏସ୍

ରାଜ୍ୟ ସରକାରଙ୍କ ଅପାରଗତା ଏବଂ ବିଫଳତାକୁ ନେଇ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ରାଜ୍ୟ ବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା ରନ୍ଧନ ଗ୍ୟାସ ସମସ୍ୟା ଦୂର କରିବା, ରନ୍ଧନ ଗ୍ୟାସ ମୂଲ୍ୟବୃଦ୍ଧି ଓ କଳାବଜାରୀ ବନ୍ଦ କରିବା, ଏସସିବି ମେଡିକାଲ ଘଟଣାର ବିଚାର ବିଭାଗୀୟ ତଦନ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ସହ ଶୋଭାଯାତ୍ରା ପିଏମଜି ଛକ ଅଭିମୁଖେ ବାହାରିଥିଲା। ସେଠାରେ ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଙ୍ଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ ଏବଂ ସମ୍ପାଦକ ମଣ୍ଡଳୀ ସଦସ୍ୟା ମନ୍‌ଦୋଦରୀ ରାଉଳ, ମାଳବିକା ସାମଲ, ସଂଯୁକ୍ତା ସାମଲ, ମଧୁମିତା ସାହୁ ଏବଂ ରାଜ୍ୟ କମିଟି ସଦସ୍ୟା ସ୍ୱାଧିନୀ ବେହେରା




ମୃତ ଓ ଆହତଙ୍କୁ ଉପଯୁକ୍ତ କ୍ଷତିପୂରଣ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଧାର ଆଣିବା, ଶିଶୁ ନାବାଳିକା ଅପହରଣ ଓ ଚାଲାଣ ବନ୍ଦ କରିବା, ଟେଟ୍ରା ପ୍ୟାକ୍ ମଦ ବନ୍ଦ ଓ ମଦ ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆଦି ଦାବିରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ ସମେତ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ଉପରୋକ୍ତ ଦାବି ସମ୍ବଳିତ ବ୍ୟାନର ଓ ପ୍ଲାକାର୍ଡ ପ୍ରଦର୍ଶନ ସହିତ ଏକ ପ୍ରମୁଖ ବକ୍ତବ୍ୟ ରଖି ବର୍ତ୍ତମାନ ରାଜ୍ୟରେ ରନ୍ଧନ ଗ୍ୟାସ ସମସ୍ୟା, ଶିଶୁ ଓ ନାବାଳିକା ଅପହରଣ, ଟେଟ୍ରା ପ୍ୟାକ୍ ମଦ, ଏସସିବି ମେଡିକାଲରେ ମର୍ମନ୍ତୁଦ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ଓ ଏ ସବୁ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଦାବି କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ବିଜୟଲକ୍ଷ୍ମୀ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

